بسم الله الرحمن الرحيم

**୩ ଅଗଷ୍ଟ ୨୦୧୮ ଖୁତବା ଜୁମାର ସାରାଂଶ**

**ସ୍ଥାନ - ହଦିକତୁଲ୍ ମେହ୍‌ଦି, ଲଣ୍ଡନ**

ଏହା ସମ୍ପୂର୍ଣ୍ଣ ରୂପେ ଠିକ୍ ଯେ, ଅହେମଦିଗଣ ଅତିଥି ହୁଅନ୍ତୁ ଅବା ଅତିଥି ସତ୍କାରକାରୀ ସେମାନଙ୍କୁ ଉତମ ଆଚରଣ ପ୍ରଦର୍ଶନ କରିବା ଅପରିହାର୍ଯ୍ୟ । କିନ୍ତୁ ଯେଉଁମାନେ ନିଜକୁ ବାର୍ଷିକ ଜଲସାରେ ଯୋଗଦେବାକୁ ଆସିଥିବା ଅତିଥିମାନଙ୍କ ସେବା କରିବା ନିମନ୍ତେ ଉତ୍ସର୍ଗ କରିଥାନ୍ତି ସେମାନଙ୍କୁ ସର୍ବୋଚ୍ଚ ସ୍ତରର ଉତମ ଆଚରଣ ପ୍ରଦର୍ଶନ କରିବା ଉଚିତ୍ ।

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଅଲ୍ଲାଃଙ୍କ ଅଶେଷ ଦୟା ଯେ, ସେ ଆମକୁ ଆଜି ଆଉ ଏକ ବାର୍ଷିକ ଧର୍ମସମ୍ମିଳନୀରେ ଯୋଗ ଦେବାକୁ ଶକ୍ତି ପ୍ରଦାନ କଲେ । ସମସ୍ତ ଯୋଗଦାନକାରୀଙ୍କୁ ଜଲସାର ଏହି ତିନି ଦିନର ଆଧାତ୍ମିକ ପରିବେଶରୁ ଉପକୃତ ହେବାକୁ ଶକ୍ତି ପ୍ରଦାନ କରନ୍ତୁ । ଜଲସାର କାର୍ଯ୍ୟକ୍ରମଗୁଡ଼ିକୁ ନିରବ ଓ ଶାନ୍ତି ପୂର୍ଣ୍ଣ ଭାବରେ ଶୁଣିବା ଆବଶ୍ୟକ ତେବେଯାଇ ଜଲସାରେ ସାମିଲ୍ ହେବା ଫଳପ୍ରଦ ସାବ୍ୟସ୍ତ ହେବ ।

ହଜୁର ଅନଓ୍ୱର ଅ.ବ କହିଲେ- ଜଲସାର ବ୍ୟବସ୍ଥାରେ ଦୋଷତ୍ରୁଟି ଓ ଅସମ୍ପୂର୍ଣ୍ଣତା ରହିଯାଇଥାଏ । ଯେଉଁସ୍ଥଳେ କର୍ମୀମାନେ ନିଜ କାର୍ଯ୍ୟର ଅନୁଧ୍ୟାନ କରି ସେଥିରେ ସୁଧାର ଆଣିବାକୁ ଚେଷ୍ଟା କରିବା ଉଚିତ୍ ସେଠାରେ ଅତିଥିମାନେ ମଧ୍ୟ ଉକ୍ତ ଦୋଷଷତ୍ରୁଟି ଓ ଅସମ୍ପୂର୍ଣ୍ଣତାକୁ ଅଣଦେଖା କରିବା ଉଚିତ୍ ଏବଂ ଯେଉଁଠାରେ କର୍ମୀମାନଙ୍କୁ କୌଣସି ପ୍ରକାର ସାହାର୍ଯ୍ୟ ସହଯୋଗର ଆବଶ୍ୟକତା ପଡ଼େ ତେବେ ସେଥିନିମନ୍ତେ ସର୍ବପ୍ରଥମେ ନିଜେ ଆଗକୁ ଆସିବା ଉଚିତ୍ । ଆମମାନଙ୍କ ମଧ୍ୟରେ ଏକତା ସେତେବେଳେ ଉତ୍ପନ୍ନ ହେବ ଯେତେବେଳେ ଆମେ ପରସ୍ପରର ଭାର ବହନ କରିବା । ଏହି ସତ୍ୟତାକୁ ଅତିଥି ଓ ଅତିଥିସତ୍କାରକାରୀ ଉଭୟଙ୍କୁ ମନେରଖିବା ଉଚିତ୍ ।

ହଜୁର ଅନଓ୍ୱର ଅ.ବ କହିଲେ- ବର୍ତମାନ ମୁଁ ଉଭୟ ଅତିଥି ଓ ସତ୍କାରକାରୀଙ୍କୁ କିଛି ଉପଦେଶ ମୂଳକ କଥା ପ୍ରତି ଧ୍ୟାନ ଆକର୍ଷଣ କରିବି । ସର୍ବପ୍ରଥମ କଥା ଏହି କି ଯେ ସେବକମାନେ ଅତିଥିମାନଙ୍କ ସତ୍କାର ନିମନ୍ତେ ନିଜକୁ ଉର୍ତ୍ସଗ କରିଛନ୍ତି ଯେ ଅଲ୍ଲାଃଙ୍କ ଆଦେଶ ମୁତାବକ ହଜରତ ମସିହ ମଉଦ ଆ.ସଙ୍କ ଦ୍ୱାରା ପ୍ରଚଳିତ ଜଲସାରେ ଯୋଗ ଦେବାକୁ ଆସିଛନ୍ତି ନା କି କୌଣସି ମେଳାରେ ସାମିଲ ହେବାକୁ ଆସିଛନ୍ତି । ନିଜ ଆଧାତ୍ମିକ ଜ୍ଞାନ ଓ ଚାରିତ୍ରିକ ସ୍ତର ବୃଦ୍ଧି ନିମନ୍ତେ ଏକତ୍ରିତ ହୋଇଛନ୍ତି ଏବଂ ମୁଁ ଆଶା କରୁଅଛି କି ଏହି ଚିନ୍ତାଧାରା ଜଲସାରେ ଯୋଗ ଦେବାକୁ ଆସିଥିବା ପ୍ରତ୍ୟେକ ସଦସ୍ୟଙ୍କର ରହିଥିବ ତଥା ହେବା ଉଚିତ୍ । ନଚେତ୍ ସେମାନଙ୍କ ଜଲସାରେ ଯୋଗ ଦେବା ନିରର୍ଥକ ଅଟେ । ସେ ଯାହା ହେଉ କର୍ମୀମାନଙ୍କୁ ସର୍ବଦା ମନେରଖିବା ଉଚିତ୍ ଯେ, ଅତିଥିମାନଙ୍କ ଆଚରଣ ଯେପରି ହେଉ ନା କାହିଁକି ସେମାନେ ନିଜର ସର୍ବୋକୃଷ୍ଟ ଆଚରଣ ପ୍ରଦର୍ଶନ କରି ଅତିଥିମାନଙ୍କ ଭାବନା ପ୍ରତି ଯତ୍ନବାନ ହେବା ଉଚିତ୍ । ତେବେଯାଇ ଆପଣମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଓ ପ୍ରୀତିଭାଜନ ହାସଲକାରୀ ସାବ୍ୟସ୍ତ ହେବେ ।

ଆମେ ଯେଉଁ ନବୀଙ୍କ ଆନୁସରଣକାରୀ ଅଟୁ ସେ ଅତିଥିମାନଙ୍କ ସହ କିଭଳି ଆଚରଣ କରୁଥିଲେ ? ଯେଉଁମାନେ ସହରରେ ରହୁଥିଲେ ସେମାନେ ଆପଣଙ୍କ ସହ ପ୍ରତିଦିନ ସାକ୍ଷାତ କରିବାକୁ ଆସୁଥିଲେ । ଯଦି ସେମାନଙ୍କ ଅଭାବ ଅନାଟନ ଯୋଗୁଁ କିମ୍ବା ଏମିତି ଖାଇବା ନିମନ୍ତେ ସେମାନଙ୍କୁ ହଜୁର ସ.ଆ ନିମନ୍ତ୍ରଣ କରନ୍ତି ସେତେବେଳେ ସେମାନେ ଆସି ଦିର୍ଘ ସମୟ ବସିଯାନ୍ତି ଯଦ୍ୱାରା ହଜୁର ସ.ଆ ବିଶ୍ରାମ ନେବା ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରିବାରେ ବିଘ୍ନ

ଘଟେ । ତଥାପି ଆପଣ ସେମାନଙ୍କୁ କଦାପି କହୁନଥିଲେ କି ମୁଁ ବ୍ୟସ୍ତ ଅଛି ତେଣୁ (ଖାଇବା) ସମୟ ପୂର୍ବରୁ ଆସ ନାହିଁ କି ଖାଇବା ପରେ ଶିଘ୍ର ଚାଲିଯାଅ, କାରଣ ତୁମର ବସି ରହିବା ଫଳରେ ମୁଁ କେତେକ କାର୍ଯ୍ୟ ସମ୍ପାଦନ କରିପାରୁ ନାହିଁ । ସେମାନଙ୍କ ଏପରି ଅବସ୍ଥା ଦେଖି ଏବଂ ହଜୁର ସ.ଆଙ୍କର ଅତିଥିମାନଙ୍କୁ ବରଦାସ୍ତ କରିବାର ଧର୍ଯ୍ୟ ଓ ସହନଶୀଳତା ଦେଖି ଅଲ୍ଲାଃତାଲା ମୋମିନ୍‌ମାନଙ୍କୁ କହିଲେ- **ଫୟସ୍‌ତହ୍‌ଇ ମିନ୍‌କୁମ୍** ଅର୍ଥାତ ସେ ତୁମ ଭାବନାକୁ ମର୍ଯ୍ୟାଦା ପ୍ରଦାନ କରିବାକୁ ଯାଇ ତୁମମାନଙ୍କୁ ଚାଲିଯିବା ପାଇଁ କହିବାକୁ ଲାଜ କରୁଛନ୍ତି କିନ୍ତୁ ଅଲ୍ଲାଃତାଲା (ଉଚିତ୍ କଥା) କହିବାକୁ କଦାପି କୁଣ୍ଠା ବୋଧ ମନେ କରିନଥାନ୍ତି । ଅତଃ ଦିର୍ଘ ସମୟ ନବୀଙ୍କ ଘରେ ବସି ରହି ତାଙ୍କୁ ଅଯଥା କଷ୍ଟ ଦିଅ ନାହିଁ । ଅତଏବ ଅଲ୍ଲାଃତାଲା ଗୋଟିଏ ପାର୍ଶ୍ୱରେ ଅତିଥି ସତ୍କାରର ସର୍ବୋତ୍କୃଷ୍ଟ ଆଚରଣ ଚର୍ଚ୍ଚା କରିଦେଲେ । ଅନ୍ୟ ପାର୍ଶ୍ୱରେ ଅତିଥିମାନଙ୍କୁ ବିଶେଷ ଭାବରେ ଆଦେଶ ଦେଲେ କି ଅତିଥି ହୋଇ ନିଜ ଅଧିକାରର ଦୁରୁପଯୋଗ କର ନାହିଁ । ଅତିଥିମାନଙ୍କୁ ଅତିଥି ହେବାର ଅନୁଚିତ୍ ଫାଇଦା ଉଠାଇବା ଉଚିତ୍ ନୁହେଁ ।

ପୁଣି ହଜୁର ସ.ଆଙ୍କର ଅଣମୁସଲମାନମାନଙ୍କ ଅତିଥି ସତ୍କାର କରିବା ଏବଂ ଉଚ୍ଚାକାଂକ୍ଷୀ ହେବାର ସ୍ତର ଏକ ଏପରି ସ୍ତର ଅଟେ ଯାହା ଦେଖି ମଣିଷ ହତବାକ ରହିଯାଇଥାଏ । ତାହାର ଉଦାହରଣ ଆମେ ଦେଖିଥାଉ କି ଏକଦା ଜଣେ ଅଣମୁସଲମାନ ଆପଣଙ୍କ ନିକଟକୁ ଅତିଥି ହୋଇଆସିଲା । ଆପଣ ତାହାର ସତ୍କାର ମଧ୍ୟ କଲେ କିନ୍ତୁ ପାହାନ୍ତାରୁ ସେ ଶେଜ ଅପରିସ୍କାର କରି ଚାଲିଗଲା, ଯାହାକୁ ସ୍ୱୟଂ ହଜୁର ସ.ଆ ପରିସ୍କାର କରୁଥିବା ଦେଖି ସାହାବାମାନେ କହିଲେ ହଜୁର ଆମକୁ ଦିଅନ୍ତୁ ଆମେ କରି ଦେଉଛୁ, ଆମେ ଉପସ୍ଥିତ ଅଛୁ । କିନ୍ତୁ ଆପଣ ଉତର ଦେଲେ ନା ସେ ମୋର ଅତିଥି ଥିଲା । ତେଣୁ ମୁଁ ହିଁ ଏହାକୁ ପରିସ୍କାର କରିବି । **ଅତଃ ଏହା ସେହି ସର୍ବୋଚ୍ଚ ସ୍ତରର ଆଚରଣ ଯାହାର କୌଣସି ମୁକାବିଲା ନାହିଁ, ଯାହା ଅତୁଳନୀୟ** ।

ହଜୁର ଅନଓ୍ୱର ଅ.ବ କହିଲେ- ଆମ ଜଲସାକୁ ଆପଣା ଓ ପର ସମସ୍ତେ ଆସିଥାନ୍ତି ଏବଂ ସମସ୍ତ ଆଗମନକାରୀ ଉତମ ଆଚରଣର ଅଧିକରୀ ଅଟନ୍ତି କିମ୍ବା ଧାର୍ମିକ ଜ୍ଞାନ ହାସଲ କରିବା ନିମନ୍ତେ ଆସିଥାନ୍ତି କିମ୍ବା ଅହେମଦିୟତ୍ ସଂକ୍ରାନ୍ତରେ ଜ୍ଞାନ ହାସଲ କରିବା ପାଇଁ ଆସିଥାନ୍ତି । ଦୋଷତ୍ରୁଟି ତ ପ୍ରତ୍ୟେକ ମଣିଷଠାରେ ରହିଥାଏ । ଯଦି କିଛି ଭୁଲ ହୋଇଯାଏ ତେବେ ଆମେ ଏପରି କହିପାରିବା ନାହିଁ କି ଏମାନେ ଅସଭ୍ୟ କିମ୍ବା ସେମାନଙ୍କ ନିୟତ ସଠିକ୍ ନୁହେଁ । ବରଂ ତାହା ସେମାନଙ୍କ ମାନବିକ ଦୁର୍ବଳତାର ପ୍ରମାଣ ଅଟେ । ତେଣୁ ଏପରି କୌଣସି ଘଟଣା ଘଟିଲେ ତାହାକୁ ସହ୍ୟ କରିନେବା ଉଚିତ୍ । ଏହା ସମ୍ପୂର୍ଣ୍ଣ ରୂପେ ଠିକ୍ ଯେ, ଅହେମଦିଗଣ ଅତିଥି ହୁଅନ୍ତୁ ଅବା ଅତିଥି ସତ୍କାରକାରୀ ସେମାନଙ୍କୁ ଉତମ ଆଚରଣ ପ୍ରଦର୍ଶନ କରିବା ଅପରିହାର୍ଯ୍ୟ । କିନ୍ତୁ ଯେଉଁମାନେ ନିଜକୁ ବାର୍ଷିକ ଜଲସାରେ ଯୋଗଦେବାକୁ ଆସିଥିବା ଅତିଥିମାନଙ୍କ ସେବା କରିବା ନିମନ୍ତେ ଉତ୍ସର୍ଗ କରିଥାନ୍ତି ସେମାନଙ୍କୁ ସର୍ବୋଚ୍ଚ ସ୍ତରର ଉତମ ଆଚରଣ ପ୍ରଦର୍ଶନ କରିବା ଉଚିତ୍ । ଯଦି କର୍ମୀମାନେ ଧର୍ଯ୍ୟ, ଉତମ ଆଚରଣ ଓ ସହନଶୀଳତାର ପ୍ରଦର୍ଶନ କରିବେ ତେବେ ଅନ୍ୟ ଜଣକ ସ୍ୱଂୟ ଲଜ୍ଜିତ ହୋଇଯିବ । ଅତଃ ପ୍ରତ୍ୟେକ ବିଭାଗରେ କର୍ତବ୍ୟ ସମ୍ପାଦନ କରୁଥିବା କର୍ମୀ ସର୍ବୋଚ୍ଚ ସ୍ତରର ଉତମ ଆଚରଣ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବା ଉଚିତ୍ । ଅଲ୍ଲାଃତାଲା ପବିତ୍ର କୁରାନରେ ଏଥିପ୍ରତି ଧ୍ୟାନ ଆକର୍ଷଣ କରି କୁହନ୍ତି **କୁଲୁ ଲିନ୍ ନାସି ହୁସନା** ଅର୍ଥାତ ଲୋକମାନଙ୍କ ସହ ଉତମ ଓ ନମ୍ର ଆଚରଣ କର । ସେମାନଙ୍କୁ ସୁନ୍ଦର ବଚନ କୁହ । ଏହା ସେହି ମୂଳମନ୍ତ୍ର ଯାହାକି ଝଗଡ଼ା ରୋକିବା ଓ ଉତମ ଆଚରଣ ପ୍ରଦର୍ଶନ କରିବା ନିମନ୍ତେ ଜରୁରୀ ଅଟେ । ଏହି ନିୟମ କେବଳ ବିଶେଷ ପରିସ୍ଥିତି ନିମନ୍ତେ ନୁହେଁ ବରଂ ସଦାସର୍ବଦା ପାଇଁ ଅଟେ । ଯେତେବେଳେ ମଣିଷ ଏଥିରେ ଅଭ୍ୟସ୍ତ ହୋଇଯାଏ ସେତେବେଳେ ପାରସ୍ପରିକ କଳହ ଓ ଝଗଡ଼ାର ମୂଳୋତ୍ପାଟନ ତଥା ଅନ୍ତ ହୋଇଯାଏ । ଅତଃ ଅତିଥି ଓ ସତ୍କାରକାରୀଙ୍କୁ ସର୍ବଦା ଅଲ୍ଲାଃତାଲାଙ୍କ ଏହି ନିର୍ଦ୍ଦେଶକୁ ନିଜ ସମ୍ମୁଖରେ

ରଖିବା ଉଚିତ୍ ଏବଂ ଏହି ଦିନମାନଙ୍କରେ ତ ବିଶେଷ ଭାବରେ ଧ୍ୟାନ ଦେଇ ଅମଳ କରିବା କି ଏହି ଆଧ୍ୟାତ୍ମିକ ପରିବେଶକୁ ସମସ୍ତେ ମିଳିମିଶି ମନୋରମ କରିବା ଯଦ୍ୱାରା ଯେଉଁ ଉଦ୍ଦେଶ୍ୟ ନେଇ ଆମେ ଏଠାରେ ଏକତ୍ରିତ ହୋଇଛେ ତାହା ପୂରଣ ହେଉ ଏବଂ ତାହା କ'ଣ ଏହି କି ଯେ, ନିଜ ଆଧ୍ୟାତ୍ମିକ ଓ ଚାରିତ୍ରିକ ଅବସ୍ଥାକୁ ପରିମାର୍ଜିତ କରିବା । ହଜୁର ସ.ଆ କହିଲେ– ନିକିତୀରେ ସବୁଠାରୁ ଅଧିକ ଓଜନ ଉତମ ଚରିତ୍ରଠାରୁ ଅନ୍ୟ କୌଣସି ଜିନିଷ ହୋଇନଥାଏ ଏବଂ ଉତମ ଆଚରଣର ଅଧିକାରୀ, ନମାଜ ଓ ରୋଜା ନିୟମିତ ଭାବରେ ସମ୍ପାଦନକାରୀ ହୋଇଯାଏ ଅର୍ଥାତ ତାହାକୁ ପୁଣ୍ୟ କରିବାର ଶକ୍ତି ମିଳିଥାଏ । ପୁଣି ସେହି ପୁଣ୍ୟ କର୍ମ ଆଗକୁ ନିଜର ଛୁଆ ଜନ୍ମ କରିଚାଲେ । ଅତଃ କର୍ମୀମାନେ ବିଶେଷ ଭାବରେ ଏହାକୁ ଆପଣାଇ ନେବା ଉଚିତ୍ କି ଯେଉଁଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁ ନା କାହିଁକି କେହି କିପରି ବ୍ୟବହାର କରନ୍ତୁ ନା କାହିଁକି ସର୍ବଦା ହସିହସି ଅତିଥିମାନଙ୍କ ସେବା କରିବା । ଏତତ୍ ଦ୍ୱାରା ଏହି ପ୍ରକାଶ ଆଚରଣର ପ୍ରଭାବ ସେମାନଙ୍କ ହୃଦୟରେ ପଡ଼ିଥାଏ ଏବଂ ହୃଦୟ ମଧ୍ୟ ଦୁବିଧାରେ ପଡ଼ିବାରୁ ମୁକ୍ତି ଲାଭ କରିଥାଏ ପୁଣି ଯେତେବେଳେ ହୃଦୟ ନିର୍ମଳ ରହିଥାଏ ସେତେବେଳେ ଯେଉଁ ନିଷ୍ପତି ନେବ ତାହା କଦାପି ଭୁଲ୍ ହେବ ନାହିଁ, ଯାହାକି ଉତେଜ୍ଜିତ ଓ ବ୍ୟଗ୍ରତା ଯୋଗୁଁ ହୋଇଯାଏ । ହଜୁର ସ.ଆଙ୍କ ଉତମ ଆଚରଣ ସମ୍ବନ୍ଧରେ ଜଣେ ସାହାବି ବର୍ଣ୍ଣନା କରନ୍ତି ମୁଁ ହଜୁର ସ.ଆଙ୍କ ବ୍ୟତୀତ ଅନ୍ୟ କାହାର ହସହସ ମୁହଁ ଦେଖି ନାହିଁ । ପୁଣି ହଜୁର ନିଜ ମାନ୍ୟକାରୀଙ୍କୁ ଉପଦେଶ ଦିଅନ୍ତି କି ନମ୍ର ଆଚରଣ କର କାରଣ ଯେ ନମ୍ର ଆଚରଣ କରିବାରୁ ବଂଚିତ ରହିଗଲା ସେ କଲ୍ୟାଣ (ପ୍ରାପ୍ତି)ରୁ ବଂଚିତ ରହିଯାଇଥାଏ । ଯଦି ଏହି ରହସ୍ୟକୁ କର୍ମୀ ଓ ଯୋଗଦାନକାରୀ ଉଭୟେ ବୁଝିନିଅନ୍ତି ତେବେ ଜଲସାର ଏହି (ଆଧ୍ୟାତ୍ମିକ) ପରିବେଶର ବରକତ୍‌ରୁ ନିଜ ଅଣ୍ଟି ଭରିନେବେ ।

ଏଥିସହିତ ମୁଁ ଜଲସା ଯୋଗଦେବାକୁ ଆସିଥିବା ଅତିଥିବୃନ୍ଦକୁ କହିବି କି ଲଜସାର ଏହି ପ୍ରଶସ୍ତ ବ୍ୟବସ୍ଥା ସେବକମାନଙ୍କ ଦ୍ୱାରା ସମ୍ପାଦିତ ହେଉଅଛି ସେମାନେ ଆମର ବେତନ ଭୁକ୍ତ କର୍ମଚାରୀ ନୁହନ୍ତି । ସେମାନଙ୍କ ମଧ୍ୟରୁ କେତେକ ନିଜ ନିଜ କ୍ଷେତ୍ରରେ ବେଶ ଉଚ୍ଚ ପଦରେ ଅଧିଷ୍ଠିତ ହଜରତ ମସିହ ମଉଦ ଆ.ସଙ୍କ ଅତିଥିମାନଙ୍କ ସେବା କରିବା ମନଭାବ ନେଇ ସେମାନେ ଆପ୍ରାଣ ଉଦ୍ୟମ କରିଥାନ୍ତି । ସେହିପରି ନବଯୁବକମାନେ ଯେ କି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନରତ, ଯୁବତି ଓ ଯୁବକ ତଥା ପିଲାମାନେ ରହିଛନ୍ତି । ସେମାନେ ସମସ୍ତେ ଏକ ଉତ୍ସାହର ସହିତ ଅତିଥିମାନଙ୍କ ସେବା କରିଥାନ୍ତି । ତେଣୁକରି ଯଦି କୌଣସି ସ୍ଥାନରେ ଛୋଟମୋଟ ଦୋଷତ୍ରୁଟି ଦେଖନ୍ତି ତେବେ ତାହାକୁ ଅଣଦେଖା କରିବେ । ଯଦି କୌଣସି ଅତିଥିଙ୍କୁ କୌଣସି ବିଭାଗରେ ନ୍ୟୁନତା ପରିଲକ୍ଷିତ ହୁଏ ତେବେ ଉକ୍ତ ବିଭାଗର କର୍ମକର୍ତାଙ୍କୁ ଲେଖି ଜଣାଇବେ ନା କି କର୍ମୀମାନଙ୍କ ସହ ଯୁକ୍ତି କରିବା ଆରମ୍ଭ କରିଦେବେ । ଯଦି ଉକ୍ତ ସୁଧାର ଚଳିତ ବର୍ଷ ହୋଇନପାରେ ତେବେ ଆସନ୍ତା ବର୍ଷ ସେଥିପ୍ରତି ନିଶ୍ଚିତ ଧ୍ୟାନ ଦିଆଯିବ ଏବଂ **ଆମ ଜମାଅତର ଏହି ବିଶେଷତା ଅଟେ ଏବଂ ହେବା ଉଚିତ୍ କି ଯେଉଁ ଦୋଷତ୍ରୁଟିର ଟିପଣୀ କରାଯାଏ ତାହାକୁ ଆମେ ଦୂର କରି ସେଥିରେ ସୁଧାର ଆଣିବାକୁ ଚେଷ୍ଟା କରିଥାଉ ।**

ଅତିଥି ସତ୍କାରର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଖାଦ୍ୟ ପ୍ରସ୍ତୁତ କରିବା ଅଟେ । ଖାଦ୍ୟ ପ୍ରସ୍ତୁତକାରୀ ଏଥିପ୍ରତି ଧ୍ୟାନ ଦେବେ କି ଖାଦ୍ୟ ଭଲ ଭାବରେ ସିଝିଥିବା ଉଚିତ୍ । ମୋର ଆଶା (ଖାଦ୍ୟ ଭଲ ଭାବରେ ପ୍ରସ୍ତୁତ ହୋଇନଥିଲେ) ଅତିଥିମାନେ ତ ଅଭିଯୋଗ କରିବେ ନାହିଁ କିନ୍ତୁ ଯଦି ସେମାନେ (ଅଭିଯୋଗ) କରନ୍ତି ତେବେ ଉତ୍ୟକ୍ତ ନହୋଇ ନମ୍ରତାର ସହିତ ବ୍ୟବସ୍ଥା ମୂଖ୍ୟଙ୍କୁ ଅବଗତ କରିଦେବେ କି ଏଥିରେ ଏହି ତ୍ରୁଟି ରହିଛି ତାହାକୁ ଦୂର କରନ୍ତୁ ।

ଅତିଥିମାନଙ୍କୁ ଏଥିପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ ଯେପରିକି ହଜୁର ସ.ଆ କୁହନ୍ତି ଇସଲାମର ଏକ ସୌନ୍ଦର୍ଯ୍ୟ ଏହା ଅଟେ କି ମୋମିନ୍ ନିରର୍ଥକ ଓ ଅଯଥା ବାର୍ତାଳାପ କରିନଥାଏ ଏବଂ ଏହି ଜଲସାକୁ ହଜରତ ମସିହ ମଉଦ

ଆ.ସ ଅଲ୍ଲାଃତାଲାଙ୍କ ଜଲସା କହିଛନ୍ତି ତେଣୁକରି ସମସ୍ତ ପ୍ରକାରର ନିରର୍ଥକ ବାର୍ତାଳାପରେ ସମୟ ନଷ୍ଟ କରିବାରୁ ନିବୃତ ରହିବା ଉଚିତ୍ । ଜଲସାର କାର୍ଯ୍ୟକ୍ରମଗୁଡ଼ିକୁ ଧ୍ୟାନ ପୂର୍ବକ ଶୁଣିବେ, ଅତି ଆବଶ୍ୟକ ନପଡ଼ିଲେ ବାହରକୁ ଯିବେ ନାହିଁ । ଆଜିକାଲିର ସାଂସାରିକ ଆକର୍ଷଣ ପିଲା ଓ ନବଯୁବକମାନଙ୍କୁ ଧର୍ମର ଗୁରୁତ୍ୱକୁ ହୃଦୟଙ୍ଗମ କରିବାରୁ ବିମୁଖ କରୁଅଛି । **ସୁତରାଂ ସେମାନଙ୍କୁ (ଧର୍ମ) ସହିତ ଯୋଡ଼ିବା ବହୁତ ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ ।** ପିତାମାତାଙ୍କୁ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ପ୍ରତ୍ୟେକ ମାତାପିତାଙ୍କୁ ଏଥିପ୍ରତି ଯତ୍ନବାନ ହେବା ଉଚିତ୍ । ଅଲ୍ଲାଃତାଲା ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ତରବିୟତ ଓ ପିଲାମାନଙ୍କୁ ଧର୍ମ ସହ ଯୋଡ଼ିବା ସମ୍ବନ୍ଧରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଉପାସନା ଅଟେ । ଏହାର ନିଜେ ସମ୍ପାଦନକାରୀ ହେବା ସହିତ ନିଜ ପିଲାମାନଙ୍କୁ ମଧ୍ୟ ସାଥିରେ ନେଇ (ମସଜିଦ୍) ଆସନ୍ତୁ । ଯଦି ମସଜିଦ୍ କିମ୍ବା ନମାଜ ସେଣ୍ଟର ଘରଠାରୁ ଦୂରରେ ଅବସ୍ଥିତ ଥାଏ ତେବେ ନିଜ ଘରେ ବାଜମାଅତ ନମାଜ ପାଠ କରିବାର ବ୍ୟବସ୍ଥା କରିବା ଉଚିତ୍ । ଏହିପରି କର୍ମୀମାନଙ୍କୁ ମଧ୍ୟ ନିୟମିତ ଭାବରେ ନମାଜ ପାଠ କରିବାକୁ କହିବେ । ଯଦି ଆମେ ନମାଜ ପାଠ କରିବା ପ୍ରତି ଯତ୍ନବାନ ନୁହେଁ ତେବେ ଆମର ସମସ୍ତ କାର୍ଯ୍ୟ ନିରର୍ଥକ ଅଟେ ।

ବ୍ୟବସ୍ଥା ଦୃଷ୍ଟି କୋଣରୁ ମଧ୍ୟ କିଛି କଥା କହିବାକୁ ଚାହେଁ, ଯେଉଁମାନେ ନିଜ ଯାନରେ ଆସୁଛନ୍ତି ସେମାନେ କର୍ମକର୍ତାଙ୍କ ସହ ସହଯୋଗ କରିବେ । ଯେଉଁମାନେ ମସଜିଦ୍ ଫଜଲକୁ ନମାଜ ପାଠ କରିବାକୁ ଆସୁଛନ୍ତି ସେମାନେ ନିଜ ଯାନ ଏପରି ସ୍ଥାନରେ ଛିଡ଼ା କରନ୍ତୁ ଯେପରି ପଡ଼ୋଶିମାନଙ୍କୁ କୌଣସି ପ୍ରକାରର ଅସୁବିଧା ନହୁଏ ସେମାନଙ୍କୁ ନିଜ ଘରେ ପ୍ରବେଶ କରିବାର ରାସ୍ତା ଅବରୋଧ ନହୁଏ ଏବଂ ସେମାନଙ୍କୁ କଷ୍ଟ ନପହଂଚେ ।

ବ୍ୟବସ୍ଥା ବିଭାଗରେ ପରିସ୍କାର ଓ ପରିମଳ ବିଭାଗ ରହିଛି । ଏଥିପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବେ । ମୁଁ ସର୍ବଦା ଆପଣମାନଙ୍କୁ ମନେପକାଇଥାଏ କି ପରିସ୍କାର ପରିଛନ୍ନ ରହିବା ବିଶ୍ୱାସର ଏକ ଅଂଶ ଅଟେ, ଏକଥା ସର୍ବଦା ମନେ ରଖିବା ଉଚିତ୍ । ଗାଧୁଆ ଘର ଓ ଶୌଚାଳୟକୁ ପରିସ୍କାର ରଖିବା ଉଭୟ କର୍ମୀ ଓ ଅତିଥିମାନଙ୍କ କାର୍ଯ୍ୟ । ଏହିପରି ଯଦି ରାସ୍ତା ଓ ରାସ୍ତା କଡ଼ରେ କିମ୍ବା ପଡ଼ିଆରେ ଗ୍ଲାସ, ଟିଣ, ଜରି ଆଦି ଜିନିଷ ଦେଖନ୍ତି ତେବେ ତାହାକୁ ଉଠାଇ ଡ଼ଷ୍ଟବିନ୍‌ରେ ପକାଇ ଦେବେ ।

ଏତଦ୍ ବ୍ୟତୀତ ସୁରକ୍ଷା ବ୍ୟବସ୍ଥା ଦୃଷ୍ଟି କୋଣରୁ ନିଜ ଚର୍ତୁପାର୍ଶ୍ୱ ଉପରେ ନଜର ରଖିବା, ଜଲସା ସ୍ଥଳି ଭିତରେ କିମ୍ବା ବାହାରେ କେହି କିଛି ମନ୍ଦ ଉଦ୍ଦେଶ୍ୟରେ ଆସିଥାଇ ପାରନ୍ତି ଏଥିପ୍ରତି ଦୃଷ୍ଟି ରଖିବେ । କୌଣସି ପ୍ରକାରର ସନ୍ଦେହ ଜନିତ ଦ୍ରବ୍ୟ ଦେଖିବାକୁ ପାଇଲେ କିମ୍ବା ଏପରି କାହାର କୌଣସି ହରକତ୍ ଦେଖିଲେ ସଙ୍ଗେସଙ୍ଗେ ନିକଟରେ ମୁତୟନ ଥିବା କର୍ମଚାରୀଙ୍କୁ ଅବଗତ କରାଇଦେବେ । ମହିଳାମାନଙ୍କୁ ନିରବତାର ସହିତ ଜଲସା ଶୁଣିବା ସହିତ ମହିଳା କର୍ମୀମାନଙ୍କ ସହ ସହଯୋଗ କରିବା ଉଚିତ୍ ।

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଜଲସାରୁ ଅଧିକରୁ ଅଧିକ ଉପକୃତ ହେବାକୁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା କେବଳ ନିଜ କୃପାପୂର୍ବକ ଏହି ଜଲସାକୁ ସମସ୍ତ ଦିଗରୁ ବାବରକତ୍ କରନ୍ତୁ ଏବଂ ସମସ୍ତ ପ୍ରକାରର ଦୃର୍ବୃତଙ୍କ (ମନ୍ଦ ଯୋଜନାରୁ) ସୁରକ୍ଷିତ ରଖନ୍ତୁ ତଥା ଆମେ ସମସ୍ତେ ସେହି ଉଦ୍ଦେଶ୍ୟକୁ ପ୍ରାପ୍ତକାରୀ ହେଉ ଯେଉଁଥିପାଇଁ ଆମେ ଏଠାରେ ଏକତ୍ରିତ ହୋଇଅଛେ ।

Khulasa Khutba Juma Huzoor Anwar a.b.a

3rd August 2018